# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18 September - 2024**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର କ୍ୟାବିନେଟ୍‌ରେ 'ଏକ ଦେଶ ଏକ ନିର୍ବାଚନ' ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ

— ଚନ୍ଦ୍ରଯାନ-୪ ଓ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ରର ବିକାଶ ପାଇଁ ନିଷ୍ପତ୍ତି

- ନୂଆଦିଲ୍ଲୀରେ ଆଜି ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ

- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ ପ୍ରକ୍ରିୟା ଶେଷ

ଏବଂ

- ରାଜ୍ୟରେ ଆସନ୍ତାକାଲିଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ

# ଓ୍ୱାନ୍ ନେସନ-ଓ୍ୱାନ୍ ଇଲେକ୍ସନ

ଭାରତରେ 'ଓ୍ୱାନ ନେସନ୍-ଓ୍ୱାନ୍ ଇଲେକ୍ସନ୍' ବା 'ଏକ ଦେଶ ଏକ ନିର୍ବାଚନ'କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଦେଇଥିବା ପ୍ରସ୍ତାବକୁ ଆଜି କେନ୍ଦ୍ର କ୍ୟାବିନେଟ୍ କେନ୍ଦ୍ର ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ସଂସଦର ଶୀତାକାଳିନ ଅଧିବେଶନରେ 'ଏକ ଦେଶ ଏକ ନିର୍ବାଚନ' ଉପରେ ଏକ ବିଧେୟକ ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି।

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଗଠିତ କମିଟି ଲୋକସଭା ନିର୍ବାଚନ ପୂର୍ବରୁ ମାର୍ଚ୍ଚ ମାସରେ କ୍ୟାବିନେଟ୍ ସମ୍ମୁଖରେ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏଥିରେ ସମଗ୍ର ଦେଶରେ ଏକକାଳିନ ଲୋକସଭା ଓ ବିଧାନସଭା ନିର୍ବାଚନ କରିବାକୁ ସୁପାରିସ କରାଯାଇଥିଲା। ଏଥିସହିତ ଲୋକସଭା ଓ ବିଧାନସଭା ନିର୍ବାଚନର ୧୦୦ ଦିନ ମଧ୍ୟରେ ନଗର ନିଗମ ନିର୍ବାଚନ ମଧ୍ୟ କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା।

ସେହିଭଳି କ୍ୟାବିନେଟ୍‌ରେ ଚନ୍ଦ୍ରଯାନ-୪କୁ ମଞ୍ଜୁରୀ ମିଳିଛି। ଚନ୍ଦ୍ରଯାନ-୩ର ସଫଳତା ପରେ ଏହି ନିଷ୍ପତ୍ତି ନିଆଯାଇଛି।

ସେହିପରି କ୍ୟାବିନେଟ୍‌ରେ ଭେନସ୍ ଅର୍ବିଟର ମିଶନ, ଗଗନଯାନ ଏବଂ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ରର ବିକାଶ ପାଇଁ ନିଷ୍ପତ୍ତି ହୋଇଛି। କ୍ୟାବିନେଟ୍‌ରେ

ପ୍ରଧାନମନ୍ତ୍ରୀ ଅନ୍ନଦାତା ଆୟ ସଂରକ୍ଷଣ ଅଭିଯାନ-ପିଏମ୍ ଆଶା ଯୋଜନାକୁ ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିପାଇଁ ୩୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ।

## ବାତ୍ସଲ୍ୟ ଯୋଜନା-ନିର୍ମଳା ସୀତାରମଣ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି  ନୂଆଦିଲ୍ଲୀଠାରେ ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରିଛନ୍ତି । ରାଜ୍ୟର ଭୁବନେଶ୍ୱର, ଢେଙ୍କାନାଳ ଏବଂ ବାଲେଶ୍ୱର ସମେତ ଦେଶର ୭୫ଟି ସ୍ଥାନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ଯୋଜନା ଅଧୀନରେ ଅଭିଭାବକମାନେ ସେମାନଙ୍କର ନାବାଳକ ପିଲାମାନଙ୍କ ପାଇଁ ବ୍ୟାଙ୍କ ଜମାଖାତା ଖୋଲି ସେଥିରେ ସଞ୍ଚୟ କରିପାରିବେ । ପିତାମାତାମାନେ ବାର୍ଷିକ ହଜାରେ ଟଙ୍କା ନିବେଶ କରିପାରିବେ । ନାବାଳକରୁ ସାବାଳକ ହେବା ପରେ ଏହି ଆକାଉଣ୍ଟ ନିୟମିତ ଏନ୍‌ପିଏସ୍ (ଜାତୀୟ ପେନ୍‌ସନ ଯୋଜନା) ଆକାଉଣ୍ଟରେ ରୂପାନ୍ତରିତ ହେବ । ଏହି ଯୋଜନା ମାଧ୍ୟମରେ ଅବସର ଜୀବନ ପାଇଁ ସଞ୍ଚୟ କରିବାର ସୁଯୋଗ ମିଳିବ । ଏହାବ୍ୟତୀତ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ନାବାଳକଙ୍କ ପାଇଁ ସ୍ଥାୟୀ ଅବସର ଖାତା ନମ୍ବର - ପ୍ରାନ୍ କାର୍ଡ ବଣ୍ଟନ ପାଇଁ ଏକ ଅନ୍‌ଲାଇନ୍ ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶମାର୍ଗରୁ ବାଲେଶ୍ୱର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ଅନୁଧ୍ୟାନ କରିଛନ୍ତି । ବନ୍ୟାସ୍ଥିତିର ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଲେଶ୍ୱର ଜିଲ୍ଲାର

ବାଲିଆପାଳ ଓ ଭୋଗରାଇ ଅଞ୍ଚଳ ବନ୍ୟାରେ ଅଧିକ ପ୍ରଭାବିତ ହୋଇଛି। ଲଘୁଚାପଜନିତ ବର୍ଷାଯୋଗୁଁ ୩ଟି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ୩ଟି ବ୍ଲକ୍‌ର ୩୫ଟି ଗ୍ରାମପଞ୍ଚାୟତ ବନ୍ୟାଯୋଗୁଁ ବିଶେଷ ଭାବେ ପ୍ରଭାବିତ ହୋଇଛି। ଜିଲ୍ଲାର ୬ଟି ବ୍ଲକ୍‌ର ୮ ହଜାର ହେକ୍ଟର ଜମି ଜଳମଗ୍ନ ହୋଇଛି। ତଳିଆ ଅଞ୍ଚଳରୁ ୨ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ବନ୍ୟା ଆଶ୍ରୟସ୍ଥଳରେ ରଖାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁବର୍ଣ୍ଣରେଖା ନଦୀରେ ବନ୍ୟାସ୍ଥିତି ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉଛି। ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ଯୋଜନା ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

## ସୁଭଦ୍ରା ଯୋଜନା-ଆବେଦନ ଖାରଜ

ରାଜ୍ୟର ଶେଷ ହିତାଧିକାରୀ ସୁଭଦ୍ରା ଯୋଜନାରେ ପଞ୍ଜୀକୃତ ନ ହେବା ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସେ କହିଛନ୍ତି, ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ଏହି ଯୋଜନାକୁ ପ୍ରତି ଗାଁରେ ପହଞ୍ଚାଇବା ପାଇଁ ପ୍ରୟାସ ଜାରି ରହିଛି। କନ୍ଧମାଳ, ମାଲକାନଗିରି ଓ କୋରାପୁଟ ଜିଲ୍ଲାର ଆଦିବାସୀ ଓ ଦୁର୍ଗମ ଅଞ୍ଚଳରେ ଏହି ଯୋଜନା ନେଇ ସଚେତନତା ସୃଷ୍ଟି କରାଯାଉଛି। ଇଣ୍ଟରନେଟ୍ ଯୋଗାଯୋଗର ଅସୁବିଧା ହେତୁ କନ୍ଧମାଳର ଦାରିଙ୍ଗିବାଡି ବ୍ଲକର ତିଜୁଙ୍ଗିଆ ଗ୍ରାମପଞ୍ଚାୟତ ଜନସେବା କେନ୍ଦ୍ରର କର୍ମଚାରୀମାନେ ୧୫ କିଲୋମିଟର ପାହାଡ ଉପରକୁ ଯାଇ ଫର୍ମ ପଞ୍ଜୀକରଣ

କରିଛନ୍ତି ବୋଲି ଶ୍ରୀମତୀ ପରିଡା କହିଛନ୍ତି । ଅନୁରୂପଭାବେ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମହିଳାଙ୍କ ନାମ ପଞ୍ଜୀକରଣ କରାଯାଇଛି । ସେ କହିଛନ୍ତି, ଆବେଦନପତ୍ରରେ ତ୍ରୁଟି ଯୋଗୁଁ ୨ ହଜାର ଆବେଦନକୁ ଖାରଜ କରି ଦିଆଯାଇଛି । ଗତକାଲି ରାତି ସୁଦ୍ଧା ୯୭ ହଜାର ହିତାଧିକାରୀଙ୍କ ଆବେଦନ ପେଣ୍ଡିଙ୍ଗ ଥିଲା । ଆଜିର ରିପୋର୍ଟ ଅନୁସାରେ ଶତପ୍ରତିଶତ ଆବେଦନକୁ ମଞ୍ଜୁର କରାଯାଇଛି ବୋଲି ସେ କହିଛନ୍ତି ।

## ଏ.ଏସ୍.ଆଇ. ସର୍ଭେ

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏ.ଏସ୍.ଆଇ. ପକ୍ଷରୁ ଆଜି ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରର ପ୍ରାରମ୍ଭିକ ନିରୀକ୍ଷଣ ଓ ବୈଷୟିକ ଯାଞ୍ଚ କରାଯାଇଛି । ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ଲେଜର ସ୍କାନିଂ ପରେ ରତ୍ନଭଣ୍ଡାର ଭିତରେ ବା ବାହାରେ କୌଣସି ସୁଡଙ୍ଗ ଥିବା ସଂକେତ ମିଳିନାହିଁ । ଜିପିଆରଏସ୍ ସର୍ଭେ ପରେ ସ୍ୱଷ୍ଟ ଭାବରେ ଜଣାପଡିବ । ଏଥିପାଇଁ ରାଡାର ସର୍ଭେ ଆବଶ୍ୟକ । ଆଉ ଥରେ ସର୍ବେକ୍ଷଣ କରିବା ପାଇଁ ବିଶେଷଜ୍ଞଙ୍କ ମତାମତ ପରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି ।

ଏ.ଏସ୍.ଆଇ. ଅତିରିକ୍ତ ମହାନିର୍ଦ୍ଦେଶକ ଜାନ୍‌ଭିଜ୍ ଶର୍ମାଙ୍କ ନେତୃତ୍ୱରେ ଏ.ଏସ୍.ଆଇ. ଏବଂ ଶ୍ରୀମନ୍ଦିର ପ୍ରଶାସନର ୨୬ ଜଣିଆ ମିଳିତ ଟିମ୍ ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ । ରାଜ୍ୟ ସରକାରଙ୍କ ଅନୁମୋଦିତ

ମାର୍ଗଦର୍ଶିକା ଅନୁଯାୟୀ, ନିରୀକ୍ଷଣ ହୋଇଥିଲା। ଏଥିପାଇଁ ଅପରାହ୍ଣ ଗୋଟାଏରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା।

ଅନ୍ୟପକ୍ଷରେ ଏ.ଏସ୍.ଆଇ. ପକ୍ଷରୁ ଆଜି କୋଣାର୍କ ସୂର୍ଯ୍ୟ ମନ୍ଦିରର ମଧ୍ୟ ସ୍ଥିତି ଅନୁଧ୍ୟାନ କରାଯାଇଛି। ଏ.ଏସ୍.ଆଇ.ର ଅତିରିକ୍ତ ଡିଜିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଏଥିରେ ସାମିଲ ହୋଇଥିଲେ।

କୋଣାର୍କ ମନ୍ଦିରର ଜଗମୋହନରୁ ବାଲିକଢ଼ାକୁ ନେଇ ଏ.ଏସ୍.ଆଇ.ର ପଦକ୍ଷେପ ପରେ ଏହି ସ୍ୱତନ୍ତ୍ର ଟିମ୍ ସ୍ଥିତି ଅନୁଧ୍ୟାନ କରିଛି। ସୂଚନାଯୋଗ୍ୟ, ଗତ ୨୦୨୨ ସେପ୍ଟେମ୍ବର ମାସରୁ କୋଣାର୍କ ଜଗମୋହନରୁ ଏ.ଏସ୍.ଆଇ. ପକ୍ଷରୁ ବାଲିକାଢ଼ିବା ପ୍ରକ୍ରିୟା ଆରମ୍ଭ କରାଯାଇଥିଲା।

## ୧୦୦ ଦିନ ପୂର୍ତ୍ତି ବିଜେପି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ସରକାର ଆସନ୍ତାକାଲି ୧୦୦ ଦିନ ପୂରଣ କରିବ। ଏହି ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ନିର୍ବାଚନ ପୂର୍ବରୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦେବା ପାଇଁ କାର୍ଯ୍ୟ ଆରମ୍ଭ ହୋଇସାରିଛି। ରାଜ୍ୟବାସୀଙ୍କୁ ବିଶ୍ୱାସକୁ ନେଇ ଏହି ସରକାର କାର୍ଯ୍ୟ କରୁଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ମେକ୍ ଇନ୍ ଇଣ୍ଡିଆ ମାଧ୍ୟମରେ ଉତ୍ପାଦନ କ୍ଷେତ୍ରରେ ସଫଳତାକୁ ଦ୍ୱି-ଗୁଣିତ କରିଛନ୍ତି। ସେହିଭଳି ଡିଜିଟାଲ ଇଣ୍ଡିଆ ସଫଳତାର ମାଇଲ୍‌ଖୁଣ୍ଟ ଛୁଇଁଛି। ଗତ ୧୦ ବର୍ଷ ମଧ୍ୟରେ ଗରିବ ବାସହୀନଙ୍କୁ ପକ୍କାଘର, ଶୌଚାଳୟ, ଗ୍ୟାସ୍ ସଂଯୋଗ, ବିଜୁଳି, ଚିକିତ୍ସା ବ୍ୟବସ୍ଥା ଆଦି ଯୋଗାଇ

ଦିଆଯାଇଛି। ସେହିଭଳି ରାଜ୍ୟର ବିକାଶ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ସାମଲ କହିଛନ୍ତି।

## ପୁମୁଲ ଦୁଗ୍ଧ ପ୍ଲାଣ୍ଟ ସମୀକ୍ଷା

**ପୁରୀ** ଜିଲ୍ଲା ନିମାପଡ଼ା ପୁମୁଲ ଦୁଗ୍ଧ ପ୍ଲାଣ୍ଟର ଉନ୍ନତି  ନେଇ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମୀକ୍ଷା କରିଛନ୍ତି। ପୁରୀ ଦୁଗ୍ଧ ଉତ୍ପାଦନ ସମବାୟ ସଂଘ ପକ୍ଷରୁ ନିମାପଡ଼ାଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ପ୍ଲାଣ୍ଟର କାର୍ଯ୍ୟକର୍ତ୍ତାଙ୍କ ସହ ସେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି ପ୍ଲାଣ୍ଟକୁ ସୁବ୍ୟବସ୍ଥିତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଜିଲ୍ଲା ପରିଷଦ ବୈଠକ

**କେନ୍ଦ୍ରାପଡା** ଜିଲ୍ଲା ପରିଷଦର ଏକ ସ୍ୱତନ୍ତ୍ର ବୈଠକ ଆଜି  ଜିଲ୍ଲା ପରିଷଦ ସଭାପତି ଲଳିତ ଦାସଙ୍କ ଅଧ୍ୟକ୍ଷତାରେ ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ ପଦବୀ ନିମନ୍ତେ ଚୟନ କରାଯାଇଥିବା ଚୂଡ଼ାନ୍ତ ତାଲିକାର ଅନୁମୋଦନ ନିମନ୍ତେ ଏହି ବୈଠକ ହୋଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଖାଲି ପଡିଥିବା ଶିକ୍ଷକ ପଦବୀ ପୂରଣ ନିମନ୍ତେ ସମସ୍ତ ହଜାରେ ୩୮ଟି ବିଦ୍ୟାଳୟର ତାଲିକା ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଆଜିର ବୈଠକରେ ଏହି ପଦବୀଗୁଡ଼ିକ ଅନୁମୋଦିତ ହୋଇଛି ବୋଲି ଜିଲ୍ଲାପାଳ କହିଛନ୍ତି।

## ଓରମାସ୍

**ଗଞ୍ଜାମ** ଜିଲ୍ଲା ଛତ୍ରପୁର ଷ୍ଟାଡିୟମ୍‌ଠାରେ  ଆସନ୍ତା ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଓରମାସ୍ ପକ୍ଷରୁ ବିକାଶ ମେଳା ଅନୁଷ୍ଠିତ ହେବ। ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହାକୁ ଉଦ୍‌ଘାଟନ କରିବେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି।

ମେଳାରେ ଜିଲ୍ଲାର ଲୋକକଳାର ଫଟୋ ଏବଂ ଭିଡିଓ ଉନ୍ନୟନ କାର୍ଯ୍ୟର ଫଟୋ ଆଦି ସହିତ କୃଷି, ପର୍ଯ୍ୟଟନ, ମିଶନ୍ ଶକ୍ତି ବିଭାଗର କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ଏଥିରେ ୨୫ଟି ଷ୍ଟଲ ନିର୍ମାଣ ହେବ। ପ୍ରତିଦିନ ଲୋକକଳା ସମ୍ପର୍କିତ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯିବ।

# 'ଯକ୍ଷ୍ମା ମୁକ୍ତ ଭାରତ' ଅଭିଯାନ

**ଗଞ୍ଜାମ** ଜିଲା ସ୍ୱାସ୍ଥ୍ୟ ସମିତି ତରଫରୁ ପ୍ରଧାନମନ୍ତ୍ରୀ 'ଯକ୍ଷ୍ମା ମୁକ୍ତ ଭାରତ' ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ବ୍ରହ୍ମପୁର ସ୍ଥିତ ଆଇଇସି ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ  ଯକ୍ଷ୍ମାମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ ଦିଆଯିବା ସହ ସ୍ୱାସ୍ଥ୍ୟ ବିଭାଗ ତରଫରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଆଲୋଚନା ହୋଇଥିଲା। ୨୦୨୨ ମସିହାରେ ଆରମ୍ଭ ହୋଇଥିବା ଯକ୍ଷ୍ମା ନିରାକରଣ ଅଭିଯାନ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଜିଲାରେ ୫୦୪ଜଣ ନିଃକ୍ଷୟ ମିତ୍ରଙ୍କୁ ନିୟୋଜିତ କରାଯାଇଛି। ଏମାନେ ଯକ୍ଷ୍ମା ମୁକାବିଲା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛନ୍ତି। ଗଞ୍ଜାମ ଅନ୍ୟ

ଜିଲାଗୁଡ଼ିକ ପାଇଁ ଉଦାହରଣ ହୋଇପାରିଛି ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢ଼ୀ କହିଛନ୍ତି ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତାକାଲିଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ଶୁକ୍ରବାର ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୬ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

***********************************